# ଆଦିବାର୍ତ୍ତା

**The Adibarta**

**ସେବା ଜଗତ ପରିବାରର ମୁଖପତ୍ର**

(କେବଳ ଘରୋଇ  ପ୍ରସାରଣ ନିମନ୍ତେ)





ଦ୍ୱାଦଶ ବର୍ଷ | ସଂଖ୍ୟା – ୯୨ | ଅକ୍ଟୋବର - ଡିସେମ୍ବର  - ୨୦୨୪


## ସମ୍ପାଦକୀୟ

ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଏକ ଅଗ୍ରରୁପ ଧାରଣ କରି ଚାଲିଛି । ଋତୁ ଅନୁଯାୟୀ ସମାଜର ସ୍ୱାଭାବିକ ସ୍ତରରେ ବହୁତ ପରିବର୍ତ୍ତନ ଦେଖାଦେଉଛି .ଯଥା - ଅତ୍ୟଧିକ ବର୍ଷା ,ବର୍ଷା ଅଭାବରୁ ମରୁଡି ,ଅତ୍ୟଧିକ ଗରମ, ଅତ୍ୟଧିକ ଥଣ୍ଡା ଇତ୍ୟାଦି ଘଟୁଛି । ଏହି ସବୁ ଭୌଗଳିକ ପରିବର୍ତ୍ତନର କାରଣ ପ୍ରାକୃତିକ ଭାରସାମ୍ୟର ଅଭାବ  । ତେଣୁ ବର୍ତ୍ତମାନ ଲୋକ ମାନେ ଏହାର ପରିଣାମ ଭୋଗ କରୁଛନ୍ତି । ପୃଥିବୀବାସୀଙ୍କ ବଡ ଚିନ୍ତା ଯେ କିପରି ଜଳବାୟୁ ପରିବର୍ତ୍ତନକୁ ବନ୍ଦ କରିବାକୁ ପଡିବ, ନ ହେଲେ ଆଗକୁ ଏହାର ପରିଣାମ ବହୁତ ଖରାପ ହେବ । ଅନେକ ଦେଶବାସୀ ଏ ଉପରେ ଚିନ୍ତା କରୁଛନ୍ତି ଓ କିଛି କାର୍ଯ୍ୟ କରୁଛନ୍ତି ।



ଆମ ଦେଶ ଚଳିତ ବର୍ଷ ୭୭ ତମ ସ୍ୱାଧିନତା ଦିବସ ପାଳନ କଲା । ସମଗ୍ର ଦେଶବାସୀ ଏହାକୁ ବିଭିନ୍ନ ଉପାୟରେ ପାଳନ କଲେ । ସେବା ଜଗତ ଅନୁଷ୍ଠାନ ମଧ ବୃକ୍ଷ ରୋପଣ ଅଭିଜାନ ଜଙ୍ଗଲ ବିଭାଗ ମ.ରାମପୁର ଓ ନର୍ଲା ଜୋନ ର ସହଯୋଗ କ୍ରମେ  ବିଭିନ୍ନ ଗ୍ରାମର ଯୁବକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମ ଉନ୍ନୟନ କମିଟି ,ଜଙ୍ଗଲ ପରିଚାଳନା କମିଟି, ସ୍କୁଲ ଛାତ୍ର/ଛାତ୍ରୀ ଏବଂ ତାଙ୍କର ଅଭିଭାବକ ଓ କୃଷକ ମାନଙ୍କ ସହାୟତାରେ ୮ଗୋଟି ଗ୍ରାମପଞ୍ଚାୟତ ଯଥା – ଗୋଛାଡେଙ୍ଗେନ, ସାଇଦଳଙ୍ଗା, ଉର୍ଲଦାନୀ, ଡମ,କର୍ଲାଖୁଣ୍ଟା ଟକର୍ଲା, ମ.ରାମପୁର, ସିଙ୍ଗପୁର, ସାଲେପାଲିର ୮ଗୋଟି ଗ୍ରାମରେ ଜଙ୍ଗଲ ଜାତ ବୃକ୍ଷ ଯଥା – କରଞ୍ଜ, ନିମ୍ବ, ଅଁଳା, ବାଉଁଶ, ହରିଡା, ବାହାଡା, ଜାମୁ କୋଳି ଇତ୍ୟାଦି ରୋପଣ କରାଯାଇଛି ।

ଗ୍ରାମ ମାନଙ୍କରେ ବୈଠକ କରି ଜଙ୍ଗଲ ସୁରକ୍ଷା ଲୋପ ପାଉଥିବା ଗଛର ରୋପଣ ଇତ୍ୟାଦିର ଗୁରୁତ୍ୱ ଉପରେ ଲୋକ ମାନଙ୍କୁ ସଚେତନ କରାଯାଇଛି । ଗଛ ଆମକୁ ଅମ୍ଳଜାନ ଦିଏ ତାହା ନୁହେଁ ସେ ସମାଜରେ ବଞ୍ଚିବା ପାଇଁ ଖାଦ୍ୟ, ଗୃହ, ଔଷଧ, ଫଳ,ଫୁଲ ଇତ୍ୟାଦି ଯୋଗାଇଥାଏ । ବର୍ତ୍ତମାନ ଜଙ୍ଗଲ ବହୁତ ନଷ୍ଟ ହୋଇଗଲାଣି ଏପରି ଭାବରେ ଯଦି ଜଙ୍ଗଲ ନଷ୍ଟ ହୁଏ ତାହେଲେ ସମାଜରେ ବଞ୍ଚିବା ପାଇଁ ବହୁତ କଷ୍ଟକର ହେବ । ଜଳବାୟୁ ପରିବର୍ତ୍ତନର ପରିଣାମ ଆହୁରି ଭୟଙ୍କର ହୋଇ ବହୁତ ବର୍ଷା, ମରୁଡି, କରକାପାତ ଇତ୍ୟାଦି ଅନେକ ଅସୁବିଧା ଭୋଗ ପରିବାକୁ ପଡିବ ।

ଲୋକ ମାନଙ୍କ ସଚେତନ କ୍ରମେ ୫୦୦୦ ବୃକ୍ଷ ରୋପଣ କରାଯାଇଛି । ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟୀ ,ଯୁବକ ସଂଘ,ଛାତ୍ର/ଛାତ୍ରୀ ରୋପଣ କରାଯାଇଥିବା ବୃକ୍ଷର ଯତ୍ନ କରୁଛନ୍ତି । ଗ୍ରାମର ପତ୍ୟେକ ଲୋକ ଜଣ ପ୍ରତି ୫ଗୋଟି ବୃକ୍ଷର ଯତ୍ନ୍ ନେବା ପାଇଁ ପ୍ରତିଶୃତି ବଦ୍ଧ ।

*- ଗରୁଡ ଭୋଇ*

# ସ୍ୱଚ୍ଛତା ହିଁ ସେବା

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ବେନଗାଁ ପଞ୍ଚାୟତ ଅଧିନସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ)ଓ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ,ସେବା ଜଗତ ଅନୁଷ୍ଠାନ ଦ୍ୱାରା ପରିଚାଳିତ କରାଯାଉଛି । ଉକ୍ତ ସ୍ୱାସ୍ଥ୍ୟ



କେନ୍ଦ୍ର ଠାରେ ତା ୧.୧୦.୨୦୨୪ ରିଖ ଦିନ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଦଳର ସଭ୍ୟା,ମିଶନ ଶକ୍ତି ର କର୍ମୀ , ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମୀ, ଗ୍ରାମ ପଞ୍ଚାୟତ , ବିଦ୍ୟାଳୟ, ଡାକ୍ତରଖାନା ପରିସର ଓ ବେନଗାଁ ରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା, ତାପରେ ଉକ୍ତ ଗ୍ରାମର ଲୋକମାନଙ୍କୁ ସ୍ୱଚ୍ଛତା ଉପରେ ବେନଗାଁ ପି.ଏଚ.ସି ର ଆୟୁସ ଡାକ୍ତର ଡକ୍ଟର ସଚିନନ୍ଦନ ସେନାପତି ,ସ୍ୱାସ୍ଥ୍ୟ ସମ୍ପର୍କ ସଂଯୋଜକ କର୍ଣ୍ଣ ସାହୁ ଆଲୋଚନା ମାଧମରେ ସଚେତନତା କରିଥିଲେ । ଏହି ଦିନ ମ.ରାମପୁର ବ୍ଲକର ବାରବନ୍ଧା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବେଲଗାଁ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଇଥିଲା ଓ ବେନ୍‌ଗାଁ ଠାରେ ସ୍ୱୟଂ ସହାୟକ ଦଳ ଓ ଗାଁକଲ୍ୟାଣ ସମିତିର ସଭ୍ୟ/ସଭ୍ୟା ଙ୍କ ସହାୟତାରେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା ।

*- ଯାଜ୍ଞସେନୀ ଭୋଇ*

# ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଓ ବିଶ୍ୱାସ ଅଭିଯାନ

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ମାଳିଜୁବାଙ୍ଗ ଉପକେନ୍ଦ୍ର / ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଅଧିନରେ ଥିବା କେନ୍ଦୁବର୍ଡି ଗ୍ରାମ । ଉକ୍ତ ଗ୍ରାମରେ ମୋଟ ପରିବାର ସଂଖ୍ୟା -୨୨, ମୋଟ ଜନସଂଖ୍ୟା ୨୮୦ ,



ଉଭୟ ହରିଜନ ଓ ଆଦିବାସୀ ଜାତିର ଲୋକ ବସବାସ କରୁଛନ୍ତି । ତା ୧୫.୧୨.୨୦୨୪ ରିଖ ଦିନ ସକାଳ ୧୦ ଘଟିକା ସମୟରେ କେନ୍ଦୁବର୍ଡି ଗ୍ରାମ ଠାରେ ଏକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମାଳିଜୁବାଙ୍ଗ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ପୁଷ୍ପଲତା ଦେଇ ଓ ସ୍ୱାସ୍ଥ୍ୟ ସମ୍ପର୍କ ସଂଯୋଜକ କର୍ଣ୍ଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଆଶା ଅଙ୍ଗନୱାଡି କର୍ମୀମାନେ ସହଯୋଗ କରିଥିବା ବେଳେ ମାଳିଜୁବାଙ୍ଗ ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ମମତା ମାଝୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ଉପ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଉପକେନ୍ଦ୍ର ସ୍ତରୀୟ ଥିବା CPHC (Compressive Primary Health Care ) ବିସ୍ତୃତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଗୁଡିକ ଉପରେ ଅବଗତ କରାଯାଇଥିଲା । ଯଥା ହାତ ଧୋଇବା,ପରିଷ୍କାର ପରିଚ୍ଛନ୍ନତା, ପାଇଖାନା ବ୍ୟବହାର,ଉପରେ ସଚେତନ କରାଯାଇଥିଲା ।

*-କର୍ଣ୍ଣ ସାହୁ*



ରେଣ୍ଡୋ ମାଝୀଙ୍କ ୧୫୯ ତମ ସହିଦ ଦିବସ ପାଳିତ

# ସମନ୍ୱିତ କୃଷି ବିକାଶ କାର୍ଯ୍ୟକ୍ରମରେ ୧୬୨ ଜଣ ଚାଷୀ ଙ୍କୁ ବିହନ ବଣ୍ଟନ

କଳାହାଣ୍ଡି ଜିଲ୍ଲା ମ.ରାମପୁର ୧୦ ଗୋଟି ଆଦିବାସୀ ଅଧୁସିତ ଗ୍ରାମ ପଞ୍ଚାୟତ ର ଚାଷୀ ମାନଙ୍କୁ



ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ସମନ୍ୱିତ କୃଷି ବିକାଶ କାର୍ଯ୍ୟକ୍ରମ ଆତ୍ମା ସହଯୋଗରେ ସେବା ଜଗତ ଓ କାରୁଣ୍ଡ ଫାରମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଜରିଆରେ କାର୍ଯ୍ୟ କରାଯାଉଛି । ତେଣୁ ଗତ ନଭେମ୍ବର ଓ ଡିସେମ୍ବର ମାସରେ ଆର୍ଥିକ ବର୍ଷ ୨୪-୨୫ ରେ



ଚାଷୀମାନଙ୍କୁ **୧୬** କ୍ୱିଣ୍ଟାଲ ମୁଗ ସହିତ ୪ କ୍ୱିଣ୍ଟାଲ **ଷୋ**ରିସ ବିହନ ବଣ୍ଟନ କରାଯାଇଛି । ଏଠାରେ ଡମକର୍ଲାଖୁଣ୍ଟା ,ଅଲାତରା, , ମଦନପୁର ଓ ନୁନପୁର, ପଞ୍ଚାୟତ ର ୧୨ ଗୋଟି ଗ୍ରାମର ୧୬୨ ଜଣ ଚାଷୀ ମାନଙ୍କୁ ବିହନ ବଣ୍ଟନ କରାଯାଇଥିଲା । ଏଥିରେ ସ୍ୱତନ୍ତ୍ର ସମନ୍ୱିତ କୃଷି ଯୋଜନାର ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଗରୁଡ ଭୋଇ, କାରୁଣ୍ଡ ଫାରମର୍ଶ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ର କାର୍ଯ୍ୟନିର୍ବାହି ଅଧିକାରୀ ଶ୍ରୀ ଗଣେଷ ନାଏକ. ଫାରମର୍ଶ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ର ଅଧକ୍ଷ ଶ୍ରୀ କମଲ ଲୋଚନ ଜାନି ,CRPs. ପ୍ରମୁଖ ଯୋଗଦାନ କରି ଚାଷ ଉପରେ ପ୍ରାଧାନ୍ୟ ଦେବା ସହିତ ବୀଜାମୃତ,ଜୀବାମୃତ,ନିମାସ୍ତ୍ର ଓ ହାଣ୍ଡିଖତ ଚାଷରେ ବ୍ୟବହାର କରି କିପରି ଅଧିକ ରୁ ଅଧିକ ଉତ୍ପାଦନ କରିପାରିବେ ଓ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ସହିତ ସରକାରଙ୍କ ଘୋଷିତ ସହାୟତା ରାଶି ପାଇ ପାରିବେ ସେ ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କାରୁଣ୍ଡ ଫାରମର୍ଶ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର କର୍ମୀ ରାଧେଶ୍ୟାମ ଭୋଇ ନରୋତ୍ତମ ପଧାନ, ଇଶ୍ୱର ମାଝୀ ଓ ବାଦଲ ଭୋଇ ପ୍ରମୁଖ ସହାୟତା କରିଥିଲେ ।

*-ଗରୁଡ ଭୋଇ*

# କିଶୋରୀ ବାଳିକା ସଚେତନ କାର୍ଯ୍ୟକ୍ରମ

କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ଅଧିନସ୍ଥ ବାରବନ୍ଧା ଗ୍ରାମ ପଞ୍ଚାୟତର ଏକ ଗାଁ ଲାମେର ଏହି ଗ୍ରାମର ମୋଟ ଲୋକ ସଂଖ୍ୟା ୨୯୧, ମୋଟ କିଶୋରୀ ବାଳିକା ୫୨ ଜଣ ତନ୍‌ମଧରୁ ୨୨ଜଣ କିଶୋରୀ ବାଳିକା ଗାଁରେ ରହୁଛନ୍ତି ଓ ୩୦ ଜଣ ବିଭିନ୍ନ ହଷ୍ଟେଲରେ ରହି ପାଠପଢୁଛନ୍ତି ।



**କିଶୋରୀ ବାଳିକା ସଚେତନ କାର୍ଯ୍ୟକ୍ରମ**ର ମୁଖ୍ୟ ଉଦ୍ଦେଶ୍ୟ ହେଲା ୪ ଗୋଟି ସମସ୍ୟା କୁ ଗୁରୁତ୍ୱ ଦେବା ଯଥା- ସ୍ୱାସ୍ଥ୍ୟ , ପରିମଳ ,ପୁଷ୍ଟି. ଓ ବାଲ୍ୟ ବିବାହ । ଏଥି ମଧରୁ ବାଲ୍ୟ ବିବାହ ପ୍ରଥା ବିଶେଷ କରି ଆଦିବାସୀ ଅଧୁସିତ ଅଞ୍ଚଳରେ ଏକ ବଡ ସାମାଜିକ ସମସ୍ୟା । ଏଣୁ ଗତ ତା ୧୧.୧୧.୨୦୨୪ ରିଖ ସୋମବାର ଦିନ ଅପରାହ୍ନ ୩ ଘଟିକା ସମୟରେ ଲାମେର ଗ୍ରାମରେ କିଶୋରୀ ବାଳିକା ମାନଙ୍କୁ ନେଇ ଏକ ସଚେତନ ଶିବିର କରାଯାଇଥିଲା । ଏଠାରେ ୧୭ ଜଣ କିଶୋରୀ ବାଳିକା ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଆଶା, ଅଙ୍ଗନୱାଡି କର୍ମୀ ସ୍ୱାସ୍ଥ୍ୟ ସଂମ୍ପର୍କ ସଂଯୋଜିକା ବାରବନ୍ଧା ଓ ଓଏଲଏମ ସି.ଆର.ପି ବାଲ୍ୟ ବିବାହ ର ପରବର୍ତ୍ତି ସମସ୍ୟା ଓ ମାଁ ଓ ଶିଶୁ ଉପରେ ପଡୁଥିବା ନକରାତ୍ମକ ପ୍ରଭାବ ଏବଂ

ପରୋକ୍ଷରେ ସମାଜରେ ଏହାର କିପରି କୁପ୍ରଭାବ ରହିଛି ତାର ଟିକିନିଖି ଆଲୋଚନା କରିଥିଲେ ଓ ଏହାର କାରକ ଓ କାରଣ ଗୁଡିକ ଦଳଗତ ମାଧମରେ ଚିହ୍ନଟ କରିଥିଲେ । କିଶୋରୀ ମାନେ ହିଁ ସଚେତନ ହୋଇ ସଂଘବଦ୍ଧ ଭାବରେ ପ୍ରଥମେ ନିଜ ପରିବାରରୁ ଆରମ୍ଭ କଲେ ପରବର୍ତ୍ତି ସମୟରେ ସମାଜରେ ଏହା ନିଶ୍ଚୟ ପରିବର୍ତ୍ତନ ହୋଇପାରିବ ତେଣୁ ଏହାକୁ ହୃଦୟଙ୍ଗମ କରିବା ସହିତ ସମସ୍ତେ ଶପଥ ନେଇଥିଲେ ଯେ ୧୮ ବର୍ଷ ପୂର୍ବରୁ ବିବାହ ନିଜେ ହେବୁ ନାହିଁକି ଅଞ୍ଚଳରେ ହେବାକୁ ଦେବୁ ନାହିଁ । ପ୍ରକାଶ ଥାଉ କି ଏହି ବର୍ଷ ଜଣେ ମଧ ଝିଅ ୧୮ ବର୍ଷରୁ କମ୍ ରେ ବିବାହ କରିନାହାନ୍ତି ।

*-ଯାଜ୍ଞସେନୀ ଭୋଇ*

ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ରୁ ପ୍ରଦିପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ସୌର ଶକ୍ତି ର ବ୍ୟବହାର ଉପରେ ଆଲୋଚନା କରିଥିଲେ ଏଥିରେ ୮୦ରୁ ଊର୍ଦ୍ଧ ବ୍ୟକ୍ତି ଯୋଗ ଦେଇ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲା ଦିବ୍ୟାଙ୍ଗ ମଞ୍ଚ କର୍ମକର୍ତ୍ତା,ମିଶନଶକ୍ତି ଫେଡେରେସନର ସଦସ୍ୟ, ସେବା ଜଗତ କର୍ମଚାରୀ ମାନେ ଆୟୋଜନ ରେ ସହଯୋଗ କରିଥିଲେ । ୩୩୭ ଜଣ ସଭ୍ୟ/ସଭ୍ୟା ଯଥା – ବ୍ୟବସାୟୀ,ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ,ଚାଷୀ ,ଭିନ୍ନକ୍ଷମ ବ୍ୟକ୍ତି ଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

*- ପ୍ରଦିପ କୁମାର ସାହୁ*



ସୌର ଶକ୍ତି ସମ୍ପର୍କିତ ଦକ୍ଷତା ବୃଦ୍ଧି କର୍ମଶାଳା



ଜଳ, ଜଙ୍ଗଲ, ଜମିକୁ ସୁରକ୍ଷା ଦେବା ଜରୁରୀ: ଜଙ୍ଗଲ ମନ୍ତ୍ରୀ

## ସୌରଶକ୍ତି ଦ୍ୱାରା ଜୀବନ ଜୀବିକା ର ସୁଦୃଢ଼ି କରଣ କର୍ମଶାଳା

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଆତ୍ମା କାର୍ଯ୍ୟାଳୟ ଠାରେ ସେବା ଜଗତ,ସେଲକୋ ଫାଉଣ୍ଡେସନ, କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ପକ୍ଷରୁ ସୌର ଶକ୍ତି ଦ୍ୱାରା ଜୀବନ ଜୀବିକା ର ସୁଦୃଢ଼ୀ କରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । । ଏହି ଅବସରରେ କଳାହାଣ୍ଡି ଦିବ୍ୟାଙ୍ଗ ମଗ ସଭାପତି ତଥା କର୍ଲାମୁଣ୍ଡା -ଖ ଯୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବି.ଡି.ଓ ମଣ୍ଟୁ ଖମାରୀ, ସମ୍ମାନୀତ ଅତିଥି ଭାବେ କଳାହାଣ୍ଡି ଅଗ୍ରଣୀ ଅନୁଷ୍ଠାନ ସେବା ଜଗତର ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂହ ,ମିଶନ ଶକ୍ତି ବି.ପି.ସି ବିପିନ ବାରିକ ,ସାଇଟ ସେବର ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ପାଢ଼ୀ , ସେଲକୋ ଫାଉଣ୍ଡେସନ ଅରୁଣ ଅଞ୍ଜନ ମିଞ୍ଜ,ସ୍ୱାଗତିକା ନାଏକ, ଗୋବିନ୍ଦ ପ୍ରଧାନ,

## ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଜାନ ବିଷୟରେ ପଦେ

ଜନଜାତି ବହୁଳ ଗ୍ରାମ ମାନଙ୍କର ସାମଗ୍ରିକ ବିକାଶ ଏବଂ ଆଦିବାସୀ ମାନଙ୍କର ଜୀବନଜୀବିକାର ସୁଦୃଢ଼ୀକରଣ ପାଇଁ ଭାରତ ସରକାର ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନାମକ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ନଭେମ୍ବର ମାସ ୧୫ ତାରିଖି ଦିନ ସତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଅନ୍ତର୍ଗତ ଓଡିଶାର ୨୭ଟି ଜିଲ୍ଲାରେ ୨୪୦୮ ପଞ୍ଚାୟତର ୭୬୬୭ଟି ଗାଁରେ ନଭେମ୍ବର ୧୫ ତାରଖି ଦିନ ସତନ୍ତ୍ର ପଲ୍ଲୀସଭା ଅନୁଷ୍ଠିତ ହେବ ।

ପଲ୍ଲୀସଭାରେ କ'ଣ ହୋଇଥିଲା ?

ପଲ୍ଲୀସଭାରେ ଭାରତୀୟ ସମିଧାନ ର ମୁଖବନ୍ଧ ପଢ଼ାହେବା ସହିତ ନିମ୍ନ ୪ ଗୋଟି ବିଷୟରେ ତାଲିମ ତଥା ଆଲୋଚନା କରାଯାଇଥିଲା ।

୧. ପେସା ଆଇନ ଅଧିନରେ ଆସୁଥିବା ୭ଗୋଟି ମୁଖ୍ୟ ବିଷୟ – ଏକ ଘଣ୍ଟା ।

୨. ଜଙ୍ଗଲ ଅଧିକାର ଆଇନ,୨୦୦୬ର କାର୍ଯ୍ୟକାରିତା - ଏକ ଘଣ୍ଟା ।

୩. ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ଗୁଡ଼ିକର ସ୍ଥାନ ବିଶେଷରେ କାର୍ଯ୍ୟକାରିତା – ୩୦ ମିନିଟ୍ ।

୪. ପଞ୍ଚାୟତ ବିକାଶ ମାପଦଣ୍ଡ ସମୂହ – ୩୦ ମିନିଟ୍ ।

ସରପଞ୍ଚ ପଲ୍ଲୀସଭା ଡାକିବେ ଏବଂ ଏହର ପ୍ରଚାର ପ୍ରସାର ପାଇଁ ଆବଶ୍ୟକ ବ୍ୟବସ୍ଥା କରିବେ । ସର୍ବନିମ୍ନ ୫୦ ଜଣ ପଲ୍ଲୀସଭା ସଦସ୍ୟ/ସଦସ୍ୟାଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରାଯିବ । ପଲ୍ଲୀସଭାରେ ମହିଳା ଓ ଆଦିବାସୀ ଯୁବକ ମାନଙ୍କ ଅଂଶ ଗ୍ରହଣ କୁ ପ୍ରାଧାନ୍ୟ ଦିଆଯିବ ।

ଆଲୋଚନାର ବିଷୟ :

୧. **ପେସା ଆଇନ** - ପେସା ଆଇନ ଅର୍ଥାତ ପଗାୟତିରାଜ ବ୍ୟବସ୍ଥା । (ଅନୁସୂଚିତ ଅଞ୍ଚଳକୁ ସମ୍ପ୍ରସାରଣ ) ଆଇନ ୧୯୯୬ ଭାରତର ସମସ୍ତ (ଅନୁସୂଚିତ ଅଞ୍ଚଳ (ଆଦିବାସୀ ବହୁଳ) ପ୍ରତି ଲାଗୁ ହୁଏ ।

ଏହି ଆଇନର ମୂଳ ଦିଗଗୁଡିକ ହେଲା :

କ. ଆଦିବାସୀ ବହୁଳ ଅଞ୍ଚଳ ରେ ଆଦିବାସୀ ମାନଙ୍କର ପାରମ୍ପରିକ ରୀତି,ନୀତି,ଅନୁଷ୍ଠାନ,ଶାସନ ବ୍ୟବସ୍ଥା ଆଦିକୁ ପ୍ରାଧାନ୍ୟ ଦେବା ।

ଖ. ବିକାଶ ମୂଳକ ଯୋଜନା ପ୍ରସ୍ତୁତି ବେଳେ ଆଦିବାସୀ ମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ପ୍ରତି ଧ୍ୟାନ ଦେବା ।

ଗ. ଜଳ,ଜମି,ଜଙ୍ଗଲ, ସମସ୍ତ ସର୍ବସାଧାରଣ ସମ୍ପତ୍ତି ଉପରେ ଆଦିବାସୀମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା ।

ଘ. ଜମି ଅଧିଗ୍ରହଣ ସମୟରେ ଗ୍ରାମସଭାର ନିଷ୍ପତ୍ତି କୁ ସମ୍ମାନ ଦେବା ।

ଙ. ଲଘୁବନଜାତ ଦ୍ରବ୍ୟ ଉପରେ ଗ୍ରାମ ସଭାର ଅଧିକାରକୁ ସୁନିଶ୍ଚିତ କରିବା ।

ଚ. ଗାଁରେ ମହାଜନି ଓ ସୁଧ କାରବାରକୁ ନିୟନ୍ତ୍ରଣ କରିବା ପାଇଁ ଗ୍ରାମସଭାର ଅଧିକାରକୁ ସ୍ୱୀକୃତି ଦେବା ।

ଛ. ଲଘୁ ଖଣିଜ ଦ୍ରବ୍ୟ ଉପରେ ଗ୍ରାମସଭାର ଅଧିକାରକୁ ମାନ୍ୟତା ଦେବା ।

ଜ. ନିଶା ନିବାରଣ ଓ ମଦ ଅଧିକାରକୁ ନିୟନ୍ତ୍ରଣ କରିବା ପାଇଁ ଗ୍ରାମସଭାର ଅଧିକାର ।

ଝ, ଗାଁ ଭିତରେ କଳି ଝଗଡା ଲାଗିଲେ ପାରମ୍ପରିକ ବିବାଦ ସମାଧାନ ଏବଂ ଶାନ୍ତି କମିଟୀ ଭଳି ବ୍ୟବସ୍ଥାକୁ ଲାଗୁ କରିବା

୨ - ଜଙ୍ଗଲ ଅଧିକାର ଆଇନ , ୨୦୦୬:-

କ. ବ୍ୟକ୍ତି ଅଧିକାର ,ଗୋଷ୍ଠୀ ଅଧିକାର. ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ସ୍ୱୀକୃତି ପ୍ରକ୍ରିୟା – ବର୍ତ୍ତମାନର ସ୍ଥିତି ସମସ୍ୟା,ସାମ୍ଭାବ୍ୟ ପଦକ୍ଷେପ ।

ଖ. ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା ଯୋଜନା –

- ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ।
- ପୁନର୍ଜନନ, ବୃକ୍ଷରୋପଣ ।
- ଗୋଷ୍ଠୀ ପରିଚାଳନା ବ୍ୟବସ୍ଥା - ଆଇନର ଧାରା ୫ ଏବଂ ଜଙ୍ଗଲ ଅଧିକାର ନିୟମର ଧାରା ୪ (୧) (ଙ) ଅନୁଯାୟୀ

## ଜଙ୍ଗଲ୍ ନିଆଁ ପ୍ରତିରୋଧ ଶପଥ

୧- ଆମେ ସମସ୍ତେ ଆଜି ବୃକ୍ଷ ଦେବତାଙ୍କ ନାମରେ ଶପଥ ନେଉଛୁକି , ଆମ ଗାଁର କେହି ପୁରୁଷ ଓ ମହିଳା ଆଗାମୀ ମାସ ମାନଙ୍କରେ ଜାଣି ଶୁଣି ଜଙ୍ଗଲରେ ନିଆଁ ଲଗାଇବୁ ନାହିଁ । କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗିଲେ ତାକୁ ଲିଭାଇବା ପାଇଁ ଗ୍ରମବାସୀ ମିଳିତ ଭାବେ ଯଥା ସମ୍ଭବ ଚେଷ୍ଟା କରିବୁ ।

୨- ସମସ୍ତ ଜଙ୍ଗଲ ଅଧିକାର ଧାରକ ମାନେ କେମିତି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇପାରିବେ ସେ ସମ୍ପର୍କିତ ସୂଚନା,ବ୍ୟବସ୍ଥା ଏବଂ ଆଲୋଚନା –ଜଙ୍ଗଲ ଅଧିକାର ନିୟମର ଧାରା ୧୬ ।

୩- ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ଗୁଡିକର ସ୍ଥାନାସ୍ଥଳ ବିଶେଷରେ କାର୍ଯ୍ୟକାରିତା :-
ପ୍ରତିବର୍ଷ ଗ୍ରାମପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତ ହେଉଛି । ଏହି ଯୋଜନା ପ୍ରସ୍ତୁତି କାର୍ଯ୍ୟ ପଲ୍ଲୀସଭାରେ ଅନୁମୋଦନ ହୋଇ ଗ୍ରାମସଭା ଅନୁମୋଦନ ପାଇଁ ପଠାଯାଉଛି । ଏହି ପ୍ରକ୍ରିୟାରେ ନିମ୍ନ ବିଷୟଗୁଡିକ ପ୍ରତି ଆଦିବାସୀ ବହୁଳ ଅଞ୍ଚଳରେ ଗୁରୁତ୍ୱ ଦିଆଯାଇପାରେ ।

କ . ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପାଇଥିବା ଗ୍ରାମ ମାନଙ୍କରେ ଜଙ୍ଗଲ ଅଞ୍ଚଳରେ ବନୀକରଣ, ଜଳଉତ୍ସର ସଂରକ୍ଷଣ,ଔଷଧୀୟ ବୃକ୍ଷଲତାର ସଂରକ୍ଷଣ ଓ ଅଭିବୃଦ୍ଧି ସମ୍ପର୍କିତ କାର୍ଯ୍ୟଗୁଡିକ ମହାତ୍ମାଗାନ୍ଧୀ ନରେଗା ଏବଂ ଅନ୍ୟ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ।

ଖ. ପଞ୍ଚାୟତରେ ଲଘୁବନଜାତ ଦ୍ରବ୍ୟ ଗୋଦାମ ଘର ସ୍ଥାପନ ।

ଗ. ନଦୀ ଘାଟ, ବାଲି ଘାଟ, ଗୋଚର, ପଶୁଚାରଣଭୂମି,ତୋଟା, ବଗାୟତ,କଟା ମୁଣ୍ଡା ବନ୍ଧ, ଅନ୍ୟ ସର୍ବ ସାଧାରଣ ସ୍ଥାନ ଗୁଡିକର ସୁରକ୍ଷା ଏବଂ ଉନ୍ନୟନ ।

ଘ. ଜଳବାୟୁ ପରିବର୍ତ୍ତନ ଏବଂ ସ୍ୱଚ୍ଛ ଇନ୍ଧନ (Clean Energy ) ବ୍ୟବସ୍ଥା ।

ଙ. ବନ୍ୟପ୍ରାଣୀ ମାନଙ୍କ ପାଇଁ ଜଳଉତ୍ସ୍ର ବ୍ୟବସ୍ଥା ଯେପରିକି ସେମାନେ ପାଣି ପାଇଁ ଜନବସତି ଅଗଳକୁ ଆସିବେ ନାହିଁ ।

*- ପ୍ରକାଶନ ବିଭାଗ , ସେବା ଜଗତ*

## ୧୦୦ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନ

୨୦୨୫ ସୁଦ୍ଧା ତଥା ରାଜ୍ୟରେ ଯକ୍ଷ୍ମା ନିରାକରଣ ପାଇଁ କେନ୍ଦ୍ର ସରକାରଙ୍କ ମିଳିତ ଆନୁକୂଲ୍ୟରେ ୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଜାନର ଶୁଭାରମ୍ଭ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପରିସରରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି । ରାଜ୍ୟର ୧୯ଟି ଯକ୍ଷ୍ମା ପ୍ରବଣ ଜିଲ୍ଲାରେ ଯକ୍ଷ୍ମା ରୋଗକୁ ମୂଳପୋଛ କରିବା ଲକ୍ଷ୍ୟନେଇ ଏହି ଅଭିଜାନ ଆରମ୍ଭ ହୋଇଛି । ଏହି ୧୦୦ ଦିନରେ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ ଓ ଚିକିତ୍ସା ଫଳାଫଳକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଅଭିଯାନ ବଲାଙ୍ଗୀର, ବରଗଡ, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ, ଗଞ୍ଜାମ, ଜଗ ତସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ‌େ କୋରାପୁଟ, ମାଲକାନାଗିରି, ମୟୁରଭଞ୍ଜ, ପୁରୀ, ରାୟଗଡା,ସୁବର୍ଣ୍ଣପୁର,ଓ ସୁନ୍ଦରଗଡ ଜିଲ୍ଲାରେ ଆରମ୍ଭ ହୋଇଛି। ଆଶାକର୍ମୀ ମାନେ ଯକ୍ଷ୍ମା ନିରାକଣଣରେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି । ସେମାନଙ୍କୁ ଯକ୍ଷ୍ମା ରେଫେରାଲ ପାଇଁ ୧୦୦ଟଙ୍କା ଓ ଯକ୍ଷ୍ମା ରୋଗୀ ଚିହ୍ନଟ ହେଲେ ୫ଶହ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଉଛି । ସେହିପରି ଯକ୍ଷ୍ମା ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ପାଇଁ ୧ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି । ଦୂରଦୂରାନ୍ତ ଅଞ୍ଚଳରେ ଯକ୍ଷ୍ମାରେଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବା ଲାଗି ନିକ୍ଷୟ ମିତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

*- ଖବର କାଗଜ ପୃଷ୍ଠାରୁ ସମ୍ବାଦ- ୮.୧୨.୨୦୨୪*

## ଅରଚାଟ ପ୍ଲାନଟେସନ କାର୍ଯ୍ୟକ୍ରମ

କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଘଟଗାଁ ବ୍ଲକ ର ୮ଗୋଟି ଗ୍ରାମ ପଞ୍ଚାୟତ ର ୧୩ଟି ଗ୍ରାମରେ ଫଳ ବଗିଚା ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଜଗତ ଦ୍ୱାରା ପ୍ରଥମ ବର୍ଷରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପ୍ରାୟ ୨୨୨ ଜଣ ଚାଷି ଅଂଶଗ୍ରହଣ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୧୦୬ ହେକ୍ଟର ଅନୁର୍ବର ଓ ପଡିଆ ଜମିରେ ଫଳ ବଗିଚା ପ୍ରତିଷ୍ଠା କରିବାରେ ଉଦ୍ୟମ କରି ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡି,ଏମ.ଏଫ )ଦ୍ୱାରା ସ୍ୱିକୃତ ପ୍ରାପ୍ତ କରିପାରିଥିଲେ ।

୧୦୬ ହେକ୍ଟର ଜମିରେ ଏଲ.ବି.ସି ଯୋଗେ (୩ x୩ x୩) ବ୍ୟବଧାନରେ ଗଛକୁ ଗଛ ୬ ମିଟର ୪୬ ସେ.ମି ବ୍ୟବଧାନରେ ଗାତ ଖୋଳିଥିଲେ । ପ୍ରାୟ ୨୯୫୭ ଟି ଗାତ ଖୋଳାଯାଇ ୨୮୫୭୦ଟି କୋଳିଗଛ ଏବଂ ୧୫୩୩ଟି ପିଜୁଳି ଗଛରୋପଣ କରିବା ପାଇଁ ଯୋଜନା କରାଯାଇଥିଲା ।

ଇକ୍ଷରୋପଣ ପୁର୍ବରୁ ଗାତ ପୋତା ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗାତ ପୋତାକାମ ପାଇଁ ମନରେଗା ଯୋଜନାରେ ଅନ୍ତର୍ଭୁକ୍ତ କରି ପାରିଶ୍ରମିକ ଦିଆଯିବ ବୋଲି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏବଂ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ସ୍ୱୀକୃତି ଦେଇଥିଲେ , ଏଣୁ ଗାତ ପୋତା କାର୍ଯ୍ୟ ପାଇଁ ଦୈନିକ ମଜୁରୀ ମନରେଗା ତରଫରୁ ମଞ୍ଜୁର କରାଯିବାରୁ ଚାଷିମାନେ ଗାତ ପୋତିବା ଆରମ୍ଭ କରିଥିଲେ । ମନରେଗା ରେ ପାଣ୍ଠି କମ ଥିବାରୁ ଲୋକମାନଙ୍କୁ ପାରିଶ୍ରମିକ ମିଳିବାରେ ବିଳମ୍ବ ହୋଇଥିଲା ,ତେଣୁ ଗାତ ପୋତା କାର୍ଯ୍ୟ ଠିକ ସମୟରେ ସରିନଥିଲା । ସେଥିପାଇଁ ୧୦୬ ହେକ୍ଟର ରୁ ମାତ୍ର ୬୦ ହେକ୍ଟର ଜମିରେ ଗାତ ପୋତାଯାଇପାରିଛି । ବର୍ତ୍ତମାନ ଆଜି ପର୍ଯ୍ୟନ୍ତ ୫୨ହେକ୍ଟର ଜମିରେ ୧୨୫୧୦ କୋଳି ଗଛ ଏବଂ ୧୫୭୩ଟି ପିଜୁଳି ଗଛ ଲାଗି ସାରିଛି । ବର୍ତ୍ତମାନ ବଗିଚାରେ ପାଚେରୀ ଏବଂ ଜଳସେଚନ ର ଅସୁବିଧା ଥିବାରୁ ଚାଷିମାନେ ଗଛ ଲଗାଇବା ପାଇଁ ଇଛା ପ୍ରକାଶ କରୁନାହାନ୍ତି ।

ଜିଲ୍ଲା ଉଦ୍ୟାନ କୃଷି ବିଭାଗ ,କେନ୍ଦୁଝର ପଦକ୍ଷେପ ନେଇଛନ୍ତି ଯେ ବୃକ୍ଷରୋପଣ ହୋଇଥିବା ବଗିଚା କୁ ପାଚେରୀର ବ୍ୟବସ୍ଥା କରିବା ପାଇଁ ବିଳମ୍ବ ହେବାରୁ ଗଛର ସୁରକ୍ଷା ହେତୁtree Guard ସ୍ଥାପନ କରାଯିବ ଏବଂ ଜଳ ସେଚନ ପାଇଁ କୌଣସି ସୁବିଧା ନଥବାରୁପାଣି ଟାଙ୍କି ଦ୍ୱାରା ଗଛକୁ ପାଣି ଦିଆଯିବାର ପଦକ୍ଷେପ ନିଆଯାଇଛି। ୧୩୭୧୩ଟି ଗଛକୁ Tree Guard Gaõ basin ତିଆରି କରି ପାଣି ଦେବା ଆରମ୍ଭ କରାଯାଇଛି । ବର୍ତ୍ତମାନ ୫୪ ହେକ୍ଟର ଜମିରେ ବୃକ୍ଷରୋପଣ କାର୍ଯ୍ୟ ଜାରିରହିଛି । ଏବଂ ଆଗାମୀ ବର୍ଷ ପାଇଁ ୨୦୦ହେକ୍ଟର ଜମିରେ ବୃକ୍ଷରୋପଣ କରିବା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନକୁ ପ୍ରସ୍ତାବ ଦିଆଯାଇଛି । ।

*- କୁନା ଧଙ୍ଗଡାମାଝି*

# 'ଡେଙ୍ଗୁ ଜ୍ୱର' ପିଲାଙ୍କୁ ମୃତ୍ୟୁ ମୁଖରେ ପକାଏ...

'ଡେଙ୍ଗୁ' ଏକ ସଂକ୍ରାମକ ରୋଗ ଯାହାକି ଡେଙ୍ଗୁ ଭୂତାଣୁ ଦ୍ୱାରା ବ୍ୟାପିଥାଏ । ଏହାକୁ ମଧ ଠେଙ୍ଗାଜ୍ୱର ବୋଲି କୁହାଯାଏ । 'ଏଡିସ' ମଶା କାମୁଡିବା ଫଳରେ ଏହି ଜ୍ୱର ହୋଇଥାଏ । ଏହି ମଶା ସାଧାରଣତଃ ଦିନ ବେଳା କାମୁଡିଥାନ୍ତି ଏବଂ ଏହାର ପରିଣାମ ଅତ୍ୟନ୍ତ ଭୟାନକ ଅଟେ । ଏହି ରୋଗ ଦ୍ୱାରା ଜୀବନ ଯିବାର ଅଧିକ ସମ୍ଭାବନା ଥାଏ ।

**ଇତିହାସ :** ଏହି ରୋଗର ଚିହ୍ନଟ ପ୍ରଥମେ ଚୀନ୍‌ରେ ହୋଇଥିଲା ଏବଂ ଏଡିସ ମଶାଦ୍ୱାରା ଏହା ସଂକ୍ରମିତ ହୁଏ ବୋଲି ୧୯୦୬ମସିହା ରେ ଜଣାପଡିଥିଲା

**ଲକ୍ଷଣ :** ଡେଙ୍ଗୁର ପ୍ରାଥମିକ ଲକ୍ଷଣ ଗୁଡିକ ହେଲା ଜ୍ୱର ସହିତ ମୁଣ୍ଡବିନ୍ଧା,ମାଂସପେଶୀ ଏବଂ ଆଣ୍ଠୁଗଣ୍ଠି ଯନ୍ତ୍ରଣା,ଚର୍ମ କୁଣ୍ଡେଇ ହେବା ଇତ୍ୟାଦି । ଅନେକାଂଶରେ ରକ୍ତ ବାନ୍ତି,ରକ୍ତସ୍ରାବ ହେବା ସହ ଜୀବନ ପ୍ରତି ବିପଦ ମଧ ଥାଏ । ରୋଗର ଲକ୍ଷଣ ପରିପ୍ରକାଶ ହେବାର ପୂର୍ବାବସ୍ଥା ୩-୧୪ ଦିନ ମଧରେ ହୋଇଥାଏ ।କିନ୍ତୁ ଅଧିକାଂଶରେ ଏହା ୪-୭ ଦିନ ମଧରେ ହୋଇଥାଏ । ପିଲାମାନଙ୍କ କ୍ଷେତ୍ରରେ ସାମାନ୍ୟ ସର୍ଦ୍ଦି,ଝାଡାବାନ୍ତି ଏବଂ କେବଳ ବାନ୍ତି ହେଉଥିଲେ,ଡେଙ୍ଗୁ ହେବାର ସମ୍ଭାବନା ଥାଏ ।

**କାରଣ :** ସାଧାରଣତଃ,ଏଡିସ ମଶା କାମୁଡିବା ଦ୍ୱାରା ଡେଙ୍ଗୁ ଭୂତାଣୁ ସଂକ୍ରମିତ ହୋଇଥାଏ ।ଏହି ମଶା ଦିନବେଳା କାମୁଡିଥାନ୍ତି ।ଏହି ରୋଗ ସଂକ୍ରମଣ କରୁଥିବା ଅନ୍ୟ ଏଡିସ ଜାତୀୟ ଜୀବ ହେଲେ-**ଏ.ଆଲ୍‌ବୋ ଫିକ୍ଟସ,ଏ.ସ୍କଟେଲାରିସ,** ଡେଙ୍ଗୁ ଭୂତାଣୁ ହେଲେ ୟେଲୋ ଫେବର ଭୂତାଣୁ, ଓ୍ୱେଷ୍ଟ ନାଇଲ ଭୂତାଣୁ, ଜାପାନିକ ଏନ୍‌କେଫାଲିଟି ଭୂତାଣୁ ଇତ୍ୟାଦି । ଏମାନଙ୍କ ମଧରୁ ଅନେକାଂଶ ମଶାଙ୍କ ଦ୍ୱାରା ସଂକ୍ରମିତ ହେଉଥିବାରୁ ଏହାକୁ ଆର୍ବୋଭାଇରସ କୁହାଯାଏ । ମନୁଷ୍ୟ ଶରୀରର ଭୂତାଣୁର ଆବାହକ ଅଟେ । ଡେଙ୍ଗୁ ଆକ୍ରାନ୍ତ ରୋଗୀଙ୍କୁ ମାଇଏଡିସ୍ କାମୁଡିବା ଫଳରେ ଏହା ନିଜେ ସଂକ୍ରମିତ ହେଇଯାଏ । ୮-୧୦ ଦିନ ମଧରେ ଏହି ଭୂତାଣୁ ସାଲିଭରୀ ସମେତ ଅନ୍ୟ କୋଷ ମାନଙ୍କରେ ବ୍ୟାପିଥାଏ ।ଏହି ଭୂତାଣୁକୁ ନିଜ ଶରୀରରେ ଧାରଣ କଲେ ସୁଦ୍ଧା ଏଡିସ୍‌ର କୌଣସି କ୍ଷତି ହୁଏ ନାହିଁ । ବରଂ ଏହା ଯଦି ମଣିସକୁ କାମୁଡିଦିଏ ମଣିସ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡେ । ଖାଲି ସ୍ଥାନ କିମ୍ବା ପାତ୍ରରେ ଦୀର୍ଘଦିନ ପାଣି ଜମି ରହିଲେ, ନାଳ ନର୍ଦ୍ଦମାରେ ଏହି ମଶା ନିଜର ବଂଶ ବିସ୍ତାର କରିଥାନ୍ତି । ଡେଙ୍ଗୁ ଆକ୍ରାନ୍ତ ରୋଗୀଙ୍କ ରକ୍ତ ଗ୍ରହଣ କଲେ ଜଣେ ସୁସ୍ଥ ମଣିସକୁ ଡେଙ୍ଗୁ ହୋଇଥାଏ । ଏହି ରୋଗରେ ମୂଖ୍ୟତଃ ମହିଳା ଏବଂ ଶିଶୁ ଅଧିକ ପରିମାଣରେ ଆକ୍ରାନ୍ତ ହୁଅନ୍ତି । ସେହିପରି ଶ୍ୱାସ ଏବଂ ମଧୁମେହ ରୋଗୀଙ୍କ ଜୀବନ ପ୍ରତି ଅଧିକ ବିପଦ ଥାଏ ।

**ନିରାକରଣ :-** ଡେଙ୍ଗୁ ଭୂତାଣୁକୁ ପ୍ରତିହତ କରିବା ପାଇଁ କୌଣସି ଭେକ୍ସିନ୍ ବା ଟିକା ଏଯାବତ୍ ବାହାରି ନାହିଁ । ଏଥିରୁ ମୁକ୍ତି ପାଇବା ପାଇଁ ଏହାର ସୂତ୍ରଧର ମଶାଙ୍କ କବଳରୁ ରକ୍ଷା ପାଇବା ଜରୁରୀ । ଏଣୁ ନିମ୍ନଲିଖିତ ସତର୍କ ବାଣୀକୁ ବିଶେଷ ଧାନ ଦିଅନ୍ତୁ –

୧. ଘର ଆଖପାଖ ନାଳ ନର୍ଦ୍ଦମା ସବୁ ସଫା କରିଦିଅନ୍ତୁ ।

୨. ଟାୟାର, ଡବା କିମ୍ବା ଅନ୍ୟ ପାତ୍ରରେ ଜଳ ଜମି ଥିଲେ, ତାକୁ ସଫା କରିଦିଅନ୍ତୁ ।

୩. ଦିନବେଳେ ଶରୀରକୁ ସମ୍ପୂର୍ଣ୍ଣ ଘୋଡାଇ ରଖୁଥିବା ପୋଷାକ ପିନ୍ଧନ୍ତୁ ।

୪. ରାତିରେ ଶୋଇଲା ବେଳେ ମଶାରୀ ଟଙ୍ଗାଇ ଶୁଅନ୍ତୁ ।

୫. ଘର କାନ୍ଥରେ କୀଟନାଶକ ଔଷଧ ସିଞ୍ଚନ କରନ୍ତୁ ।

୬. ଉପରୋକ୍ତ ଯେକୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ଯାଆନ୍ତୁ ।

# ସେବା ଜଗତ ତରଫରୁ ବାୟୋଚାର୍ ଉତ୍ପାଦନ କେନ୍ଦ୍ର

ଅଧୁନା ପରିସ୍ଥିତି ରେ ସମଗ୍ର ଭାରତ ବର୍ଷରେ ଚାଷ ଜମିରେ ରାସାୟନିକ ସାର ଓ କୀଟ ନାଶକ ର ଅଧିକ ମାତ୍ରାରେ



ପ୍ରୟୋଗ କରିବା ଦ୍ୱାରା ମଣିଷ ସମାଜ ଆଜି ରୋଗ ବୈରାଗରେ ପିଡିତ । ଏହି ସବୁ ଜିନିଷ ର ଅତ୍ୟଧିକ ପ୍ରୟୋଗ ଓ ଅଧିକ ଅମଳକ୍ଷମ କରିବା ଚାଷୀ ମାନଙ୍କ ଲକ୍ଷ୍ୟ , କିନ୍ତୁ ଏହା ଦେହ ପାଇଁ ବହୁତ ଖରାପ ପ୍ରଭାବ ପଡୁଛି । ଏହି ପରିପ୍ରେକ୍ଷିରେ ସେବା ଜଗତ ଓ ମୁଗୁରପା ଚେଟିଆର ରିସର୍ଚ ସେଣ୍ଟର ସହାୟତାରେ ରଙ୍ଗାପଦର ତାଲିମ କେନ୍ଦ୍ର ଓ  ବୁରାଟ ଠାରେ ବାୟୋଚାର ଉତ୍ପାଦନ କେନ୍ଦ୍ର କରାଯାଇଛି । ଜମିରେ କମ୍ ରାସାୟନିକ ସାର ବ୍ୟବହାର ଓ ବାୟୋଚାର ଜୈବିକ ଖତର  ପ୍ରୟୋଗ କରି ଜମିକୁ ଅଧିକ ଅମଳକ୍ଷମ କରିବା ସହିତ ମାଟିକୁ ସୁସ୍ଥ ରଖିବା ପାଇଁ ଏକ ଉତ୍କୃଷ୍ଟ ଉପାୟ । ଏହା ମାଟିରେ ଜଳଧାରଣ ଶକ୍ତିକୁ ମଧ ବଢ଼ାଇଥାଏ । ଏହା ଏକ ଜୈବିକ ଉପାଦାନ ଯାହାକି ଯେ କୌଣସି ଜମିରେ ଦେଇ ପାରିବେ ମାଟିର ଉର୍ବରତା ବଢ଼ାଇବା ପାଇଁ  ଓ ଚାଷପୋଯୋଗୀ କରାଇବା ପାଇଁ । ତେଣୁ ଏହାକୁ ଅଧିକରୁ ଅଧିକ କେମିତି ବ୍ୟବହାର କରିବେ ଓ ଏହାର ପ୍ରଚାର ପ୍ରସାର ଅଧିକ ହେବା ଦରକାର । ଯାହା ଫଳରେ କି ରାସାୟନିକ ସାର ର ବ୍ୟବହାର କମିଯିବ ଓ ଜୈବିକ ଖତ ର ବ୍ୟବହାର ଅଧିକ ହୋଇ ପାରିବ ।








**ଉନ୍ନତ ମାନର ଛତୁଆ,ମାଣ୍ଡିଆ ,ହଳଦୀ, ଲଙ୍କା ମସଲା ଗୁଣ୍ଡ ପାଇଁ ଯୋଗାଯୋଗ କରନ୍ତୁ ।**

**ଯୋଗାଯୋଗ ଠିକଣା :-**
**ସେବା ପ୍ରକଳ୍ପ, ଗ୍ରାମ  - ବୁରାଟ.**
**ପୋଷ୍ଟ - ମ.ରାମପୁର, ଜିଲ୍ଲା -,କଳାହାଣ୍ଡି ,ଓଡିଶା,**


**Book Post**


ପ୍ରେରକ :
**ପ୍ରକାଶନ ବିଭାଗ,**
**ସେବା ଜଗତ,**
ବୁରାଟ, ମ.ରାମପୁର, କଳାହାଣ୍ଡି,
ଓଡ଼ିଶା, ପିନ - ୭୬୬ ୧୦୨,
ଦୂରଭାଷ :- ୯୧-୬୬୭୬-୨୫୦୪୪୭



**ସଂପାଦନା ମଣ୍ଡଳୀ :-** ଗରୁଡ ଭୋଇ ,ଯାଜ୍ଞସେନୀ ଭୋଇ, ପ୍ରଦୀପ ସାହୁ
**ପ୍ରକାଶକ :-** ପ୍ରକାଶନ ବିଭାଗ ସେବା ଜଗତ, ବୁରାଟ, ମ,ରାମପୁର, କଳାହାଣ୍ଡି, ପିନ୍ -୭୬୬୧୦୨